## ସାରକାରଖାନା ପରିଦର୍ଶନ

ତାଳଚେର,(ନି.ପ୍ର.): ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ତାଳଚେର ସାରକାରଖାନା) ପରିଦର୍ଶନ କରିଛନ୍ତି ସିଆଇଏସଏଫ ଦକ୍ଷିଣ ପୂର୍ବ ମୁଖ୍ୟାଳୟ କୋଲକାତାର ଆଇଜି ସୁଧୀର କୁମାର। ଗୁରୁବାର ସେ କାରଖାନା ସ୍ଥଳ ବୁଲି ଦେଖିବା ସହ କର୍ମଚାରୀଙ୍କୁ ନିଷ୍ଠାର ସହ କର୍ମ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଆଇଜି ମାନୁନ ରସିଦ, ଟିଏଫଏଲ, ପଞ୍ଚାନନ ହଳଧର, ହରଗୋପାଳ ଗାଡ଼ି, ସୌମ୍ୟରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବିଦ୍ୟୁତ୍ ଅଫିସ ଘେରିବ ଭାଜପା

**ଅନୁଗୋଳ ଅଫିସ, ୧୫।୭:** ଅନୁଗୋଳ ଜିଲା ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବାରମ୍ବାର ବିଦ୍ୟୁତ୍ କାଟ, ଲୋଭୋଲଟେଜ ଓ ବିଲ୍ ବୃଦ୍ଧି ଆଦି ସମସ୍ୟାକୁ ନେଇ ଜିଲାରେ ଥିବା ୧୭ଟି ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଆସନ୍ତା ୧୬ ତାରିଖରେ ଚାଇଁପାଳ ଓ ରେଙ୍ଗାଳି ଅଫିସ ଘେରାଉ କରାଯିବ। ସେହିପରି ୧୭ ତାରିଖରେ ହାଟତୋଟା, କୋଶଳା, ପବିତ୍ରନଗର ଓ ବଇଣ୍ଡା, ୧୯ ତାରିଖରେ କଣିହାଁ, ବଲଣ୍ଡା, ପାଲଲହଡା, ଛେଣ୍ଡିପଦା ଓ ଆଠମଲ୍ଲିକ, ୨୦ ତାରିଖରେ ଖମାର ଓ ବନ୍ତଲା, ୨୧ ତାରିଖରେ ଜରପଡା, ଅନୁଗୋଳ, ବଣ୍ଟଁରପାଳ ଓ ବାମୁର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯିବ। ଉକ୍ତ ବୈଠକରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ନିଯୁକ୍ତି ପ୍ରତିଶ୍ରୁତି ପରେ ଉଠିଲା ମୃତଦେହ

**କଣିହାଁ,୧୫।୭(ଡି.ଏନ.ଏ.):** କଣିହାଁସ୍ଥିତ ଏନ୍‌ଟିପିସିରେ କାର୍ଯ୍ୟରତ ଠିକାଶ୍ରମିକ ହିନ୍ଦୋଳ ବ୍ଲକ ରାସୋଲ ଗ୍ରାମର ପ୍ରହ୍ଲାଦ ବେହେରା (୫୭)ଙ୍କ ମୃତ୍ୟୁକୁ ନେଇ ବୁଧବାରଠାରୁ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ ଚାଲିଥିଲା। ଗୁରୁବାର ଆନ୍ଦୋଳନସ୍ଥଳରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପହଞ୍ଚି ପ୍ରକଳ୍ପର ଠିକାସଂସ୍ଥା କର୍ତ୍ତୃପକ୍ଷ, ବିଭାଗୀୟ ଅଧିକାରୀ, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ, ଆଇଆଇସି ଦିପୀକା ଦେବୀରାୟଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ସହିତ ପରିବାରର ଜଣଙ୍କୁ ଠିକା କାର୍ଯ୍ୟରେ ନିଯୁକ୍ତି ନେଇ ରାଜିନାମା ପରେ ଅପରାହ୍ନରେ ମୃତଦେହ ଉଠିଥିଲା।

## ସେଲ୍ସ ମ୍ୟାନଙ୍କୁ ହତ୍ୟା ଉଦ୍ୟମ, ଜଣେ ଗିରଫ

**ବଣ୍ଟଁରପାଳ,୧୫।୭(ଡି.ଏନ.ଏ.):** ବଣ୍ଟଁରପାଳ ଥାନା ନୂଆହତାଠାରେ ଥିବା ମଦ ଦୋକାନରୁ ଚୋରି ଓ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ କଣ୍ଟାବଣିଆ ଥାନା ସଅଁପଡ଼ା ଗ୍ରାମର ମନ୍ଦର ମହାରଣାଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୩ ଜଣ ଫେରାର ହୋଇଯାଇଛନ୍ତି। ପ୍ରକାଶ ଯେ, ଗତ ୧୪ ତାରିଖ ଅପରାହ୍ନରେ ୨ ବାଇକରେ ମନ୍ଦରଙ୍କ ସମେତ ଅନ୍ୟ ୩ ଜଣ ଆସି ନୂଆହତା ମଦ ଦୋକାନରୁ ୧୦ ହଜାର ଟଙ୍କା ଲୁଟି ନେବା ସହ ସେଲ୍ସ ମ୍ୟାନ ଅଶୋକ ପଣ୍ଡାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ଥାନା ଅଧିକାରୀ ପହଞ୍ଚି ମନ୍ଦରଙ୍କୁ ଗିରଫ କରିଥିଲେ। ଏ ନେଇ ନଂ. ୨୩୨/୨୧ରେ ଏକ ମାମଲା ରୁଜୁ ହୋଇଛି।

## ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ

**ଛେଣ୍ଡିପଦା,୧୫।୭(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ଗତ ମଙ୍ଗଳବାର ଜିତେନ୍ଦ୍ର ସାହୁଙ୍କ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ପୀତବାସ ସାହୁଙ୍କ ସମେତ ମୋଟ ୫ଜଣଙ୍କୁ ପୋଲିସ ଅଟକ ରଖିଥିଲା। ପୀତବାସ ଏହି ହତ୍ୟାକାଣ୍ଡ ଘଟାଇଥିବା ଜଣାପଡିବା ପରେ ଗୁରୁବାର ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅନ୍ୟ ୪ ଜଣଙ୍କୁ ଛାଡି ଦିଆଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଜିତେନ୍ଦ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା।

## ପୌର କ୍ୱାର୍ଟର୍ସରୁ କାଠ ଜବତ

**ଅନୁଗୋଳ ଅଫିସ, ୧୫।୭:** ଅନୁଗୋଳ ଜିଲା ତାଳଚେର ଉପଜିଲାପାଳଙ୍କ ସରକାରୀ ବଙ୍ଗଳାରୁ ବୁଧବାର ରାତିରେ ଶାଗୁଆନ ଗଛ କାଟି ନିଆଯାଇଥିଲା। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ତାଳଚେର ବନ ବିଭାଗର ବରିଷ୍ଠ ଅଧିକାରୀ ତ୍ରିଲୋଚନ ବେହେରାଙ୍କୁ ଜଣାଇଥିଲେ। ଏ ନେଇ ବେହେରା ତତ୍କ୍ଷଣାତ ପଦକ୍ଷେପ ନେବା ସହ ଉପଜିଲାପାଳଙ୍କ ବଙ୍ଗଳାରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ତାଳଚେର ପୌର ପରିଷଦର କେତେଜଣ କର୍ମଚାରୀ ବେଆଇନ ଭାବେ ଗଛ କାଟିବା ସହିତ ଏକ କ୍ୱାର୍ଟର୍ସରେ କାଠ ଗଣ୍ଡି ରଖିଥିବା ଜାଣିବାକୁ ପାଇଥିଲେ। ଏ ନେଇ ବନ ଅଧିକାରୀ ବେହେରା ଉପଜିଲାପାଳଙ୍କୁ ଜଣାଇଥିଲେ। ପରେ ଉକ୍ତ କ୍ୱାର୍ଟର୍ସରୁ ଶାଗୁଆନ ଗଣ୍ଡି ଜବତ କରିଥିଲେ। ଏ ନେଇ ବନ ଅଧିକାରୀ ବେହରା କହିଛନ୍ତି, ଉକ୍ତ ଶାଗୁଆନ ଗଛକୁ ବେଆଇନ ଭାବେ କଟାଯାଇଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଯୋଗାଯୋଗ ସମ୍ଭବ ନ ହେବାରୁ ତାଳଚେର ଉପଜିଲାପାଳଙ୍କ ମତାମତ ମିଳିପାରି ନାହିଁ।

# ଯନ୍ତ୍ରଣାରୁ ମୁକୁଳିଲା ଜୀବିକା

**ଅନୁଗୋଳ/ ଢେଙ୍କାନାଳ ଅଫିସ, ୧୫।୭**

- ନୂଆ କଟକଣାକୁ ଢେଙ୍କାନାଳ-ଅନୁଗୋଳରେ ସ୍ୱାଗତ
- ଉପକୃତ ହେବେ ବସ୍ ମାଲିକ, ୨ ହଜାର କର୍ମଚାରୀ
- ଜିମ୍, ପାର୍ଲର ମାଲିକ ଜଣାଇଲେ ସାଧୁବାଦ



ରାସ୍ତା ପାର୍ଶ୍ୱରୁ ରାସ୍ତା ଉପରକୁ ଆସିବ ବସ୍। ଜିମ୍, ପାର୍ଲରରୁ ଖୋଲିବ ତାଲା। ପଡ଼ିଆକୁ ଫେରିବ କ୍ରୀଡ଼ା। ପୂର୍ବାପେକ୍ଷା ଅଧିକ ସମୟ ଚାଲିବ ବ୍ୟବସାୟ। ଗୁରୁବାର ଘୋଷିତ ନୂଆ ଲକଡାଉନ କଟକଣାରେ ଜୀବିକାକୁ ଦିଆଯାଇଛି ଏପରି ପ୍ରାଧାନ୍ୟ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ କାଟେଗୋରି- ଏ ଜିଲା ତାଲିକାରେ ଥିବା ଢେଙ୍କାନାଳ ଓ ଅନୁଗୋଳରେ ସ୍ୱାଗତ କରାଯାଇଛି। ଏହା ପୂର୍ବରୁ ସରକାର ଏହି ଦୁଇ ଜିଲାରେ ବସ୍ ଚଳାଚଳକୁ ଅନୁମତି ଦେଇଥିଲେ। କିନ୍ତୁ କଟକ- ଭୁବନେଶ୍ୱରକୁ ସବୁଜ ସଂକେତ ମିଳି ନ ଥିବାରୁ ବସ୍ ଗଡ଼ିପାରୁ ନ ଥିଲା। ଏବେ କଟକଣାକୁ ଆହୁରି କୋହଳ କରାଯାଇଥିବାରୁ ବସ୍ ଚଳାଇବା ସମ୍ଭବ ହୋଇପାରିବ। ଫଳରେ ଢେଙ୍କାନାଳ ଜିଲାର ୧୫୦ ବସ୍‌ର ମାଲିକଙ୍କ ସହ ୪୫୦ କର୍ମଚାରୀ ଉପକୃତ ହୋଇପାରିବେ। ଅନୁଗୋଳ ଜିଲାର ୪୫୦ ବସ୍‌ର ମାଲିକ ଓ ୧୫୦୦ କର୍ମଚାରୀଙ୍କୁ ରୋଜଗାର ମିଳିପାରିବ। ସେହିପରି ଏହି ଦୁଇ ଜିଲାରେ ଥିବା ଶତାଧିକ ବିୟୁଟି ପାର୍ଲର ଓ ଜିମ୍ ମାଲିକ ଆଶ୍ୱସ୍ତ ହୋଇଛନ୍ତି। ଦୀର୍ଘଦିନ ଧରି କଟକଣାଜନିତ ଯନ୍ତ୍ରଣାରେ ଛଟପଟ ହେଉଥିବା ଏସବୁ ବ୍ୟବସାୟିକ ପ୍ରତିଷ୍ଠାନର କର୍ମଚାରୀମାନେ ମଧ୍ୟ ଜୀବିକା ଫେରି ପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ସନ୍ଧ୍ୟା ୬ଟାରେ ବଜାର ବନ୍ଦ ଯୋଗୁ ସେପରି ଆୟ ପାଉ ନ ଥିବା ବିଭିନ୍ନ ବର୍ଗର ବ୍ୟବସାୟୀମାନେ ମଧ୍ୟ ରାତି ୮ଟା ପର୍ଯ୍ୟନ୍ତ ବେପାର କଟକଣାକୁ ନେଇ ଆନନ୍ଦିତ ବୋଲି ପ୍ରକାଶ କରିଛନ୍ତି।

### ଘର ଭଡ଼ା ଦେଇପାରୁ ନ ଥିଲୁ



"ଦୀର୍ଘଦିନ ଧରି ବ୍ୟବସାୟ ବନ୍ଦ ରହିଥିଲା। ଫଳରେ ଯନ୍ତ୍ରାଂଶଗୁଡ଼ିକର ରକ୍ଷଣାବେକ୍ଷଣ ସହ କର୍ମଚାରୀମାନଙ୍କୁ ଦରମା ଓ ଘର ଭଡ଼ା ଦେବା କଷ୍ଟକର ହୋଇପଡୁଥିଲା। ବିଳମ୍ବରେ ହେଲେ ମଧ୍ୟ ସରକାର ଜିମ୍ ଖୋଲିବାକୁ ଅନୁମତି ଦେଇଥିବାରୁ ସାଧୁବାଦ୍।

**-ରୋଜାଲିନ୍ ପ୍ରଧାନ, ଜିମ୍ ଟ୍ରେନର, ଅନୁଗୋଳ**

### ନିୟମ ମାନି ବ୍ୟବସାୟ କରିବୁ



"ପ୍ରତିବର୍ଷ ବିବାହ ଋତୁରେ ଭଲ ରୋଜଗାର ହୁଏ। ହେଲେ କରୋନା କଟକଣା ଏଥିରେ ବାଧକ ସାଜିଥିଲା। ଲକ୍ଷ ଲକ୍ଷ ଟଙ୍କାର ଆୟ ହାତରୁ ଚାଲିଯାଇଥିଲା। ଘର ଭଡ଼ା ଓ କର୍ମଚାରୀଙ୍କୁ ଦରମା ଦେବାକୁ ଋଣ କରିବାକୁ ପଡୁଥିଲା। ନିୟମ ମାନି ବ୍ୟବସାୟ କରିବୁ।

**-ବିନି ଦାସ, ପାର୍ଲର ମାଲିକ, ଅନୁଗୋଳ**

### କଟକଣା କଡ଼ାକଡ଼ି ପାଳନ ହେବ



"ମାତ୍ର କେଇଘଣ୍ଟା ପାଇଁ ବଜାର ଖୋଲାଯାଉଥିବାରୁ ବ୍ୟବସାୟ ସେପରି ନ ଥିଲା। ଏବେ ସରକାର ସମୟ ସୀମା ବଢ଼ାଇଛନ୍ତି। ଅନୁଗୋଳ ଜିଲାରେ ରାତି ୮ଟା ଯାଏ ବଜାର ଖୋଲିବାକୁ ଅନୁମତି ଦେଇଛନ୍ତି। କଟକଣା କଡ଼ାକଡ଼ି ଭାବେ ପାଳନ କରାଯିବ।

**-ନୀଳାଞ୍ଚଳ ପ୍ରଧାନ, ସାଧାରଣ ସମ୍ପାଦକ, ଏଡିସିସିଆଇ**

### ଭଡ଼ା ନ ବଢ଼ିଲେ ବସ୍ ଗଡ଼ିବା କଷ୍ଟକର



"ସରକାର ଦେଇଥିବା ନିର୍ଦ୍ଦେଶନାମା ସ୍ୱାଗତଯୋଗ୍ୟ। କିନ୍ତୁ କେଉଁ ବସ ଅବସ୍ଥା କ'ଣ ରହିଛି, ତାହା ଅନୁଧ୍ୟାନ କରିବା ପରେ ଚଳାଚଳ ହୋଇପାରିବ। ତେଲ ଦର ଶତକ ମୁହାଁ ହୋଇଥିବାରୁ ସରକାର ବସ୍ ଭଡ଼ା ଅଧିକ ନ ବଢ଼ାଇଲେ ଗାଡ଼ି ଗଡ଼ାଇବା କଷ୍ଟକର ହୋଇପଡ଼ିବ।

**-ରାଜୁ ମିଶ୍ର, ସାଧାରଣ ସମ୍ପାଦକ, ଅନୁଗୋଳ ବସ୍ ମାଲିକ ସଂଘ**

### ଶନିବାର ବୈଠକ ପରେ ନିଷ୍ପତ୍ତି



"ଦୀର୍ଘଦିନ ହେଲା ବସ୍‌ଗୁଡ଼ିକ ଅଫ୍‌ରୋଡ୍‌ରେ ଥିବାରୁ ହଠାତ୍ ଗାଡ଼ି ଚଳାଇବା ସମ୍ଭବ ନୁହେଁ। ଏଥିଲାଗି ୨-୩ ଦିନ ସମୟ ଲାଗିବ। ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବରର ଟାକ୍ସ ଛାଡ, ବସ୍ କର୍ମଚାରୀଙ୍କୁ ସହାୟତା ଏବଂ ମାଲିକଙ୍କୁ ବିନା ସୁଧରେ ଋଣ ପ୍ରଦାନ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଶନିବାର ଏ ସଂକ୍ରାନ୍ତ ବୈଠକ ପରେ ବସ୍ ଚାଲିବାର ସମ୍ଭାବନା ରହିଛି।

**-ରୁଦ୍ର ନାରାୟଣ ତ୍ରିପାଠୀ, ବସ୍ ମାଲିକ, ଢେଙ୍କାନାଳ**

### ଆଶ୍ୱସ୍ତି ଅନୁଭବ କରୁଛୁ



"କରୋନାର ଦ୍ୱିତୀୟ ଲହର ପାଇଁ ଏପ୍ରିଲରୁ ରାଜ୍ୟ ସରକାର ବିୟୁଟି ପାର୍ଲର ଖୋଲିବା ଉପରେ କଟକଣା ଜାରି କରିଥିଲେ। ଜୀବନକୁ ଗୁରୁତ୍ୱ ଦେଇ ଏହାକୁ ମାନିବାକୁ ବାଧ ହେଲୁ। ହେଲେ ୩ ମାସ ଭିତରେ ବ୍ୟୁଟିପାର୍ଲର ମାଲିକଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସରକାରଙ୍କ ଏଭଳି ନିଷ୍ପତ୍ତି ନିଶ୍ଚିତ ଭାବେ ଆଶ୍ୱସ୍ତି ଆଣିଛି। କୋଭିଡ୍ ନିୟମ ମାନି କାମ କରାଯିବ।

**-ମୋନିଷା ଆଚାର୍ଯ୍ୟ, ବ୍ୟୁଟିସିଆନ, ଭୁବନ**

### ଦୈନିକ ଖର୍ଚ୍ଚ ଉଠିବ ନାହିଁ



"ସରକାର ବସ୍ ଚଳାଚଳକୁ ଅନୁମତି ଦେବା ସ୍ୱାଗତଯୋଗ୍ୟ। ହେଲେ ସରକାରୀ କଟକଣା ମାନି ଯାତ୍ରୀ ପରିବହନ କରିବା କଷ୍ଟକର। ଏହାର ପ୍ରମୁଖ କାରଣ ଡିଜେଲ ଦର ବୃଦ୍ଧି। ଗତ କିଛି ମାସ ଭିତରେ ଡିଜେଲ ପାଖାପାଖି ୧୦୦ ଟଙ୍କାରେ ପହଞ୍ଚିଲାଣି। ଲୋକଙ୍କ ମନରେ କରୋନାକୁ ନେଇ ରହିଥିବା ଭୟ ଦୂର ହୋଇନାହିଁ। ସିଟ୍ ଅନୁଯାୟୀ ଯାତ୍ରୀଙ୍କୁ ନେଇ ଗାଡ଼ି ଚଳାଇଲେ ଦୈନିକ ଖର୍ଚ୍ଚ ଉଠିବ ନାହିଁ।

**-ଦାମୋଦର ସାହୁ, ବସ୍ ମାଲିକ, ଭୁବନ**

## ୩୫ ଆକ୍ରାନ୍ତ, ୭୫ ସୁସ୍ଥ

**ଢେଙ୍କାନାଳ ଅଫିସ, ୧୫।୭**

ଢେଙ୍କାନାଳ ଜିଲାରୁ ଗତ ୨୪ ଘଣ୍ଟା ଭିତରେ ୩୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୭୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ଜିଲାରେ ୬୬୬ ଜଣ ରୋଗୀ ଚିକିତ୍ସାଧୀନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଦ ପ୍ରଭାବଶୂନ୍ୟ

**ଢେଙ୍କାନାଳ ଅଫିସ,୧୫।୭**

ତୈଳଦର, ରନ୍ଧନ ଗ୍ୟାସ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ଗୁରୁବାର ବାମପନ୍ଥୀ ଦଳ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବାବେଳେ ଢେଙ୍କାନାଳ ଜିଲାରେ ଏହା ପ୍ରଭାବଶୂନ୍ୟ ରହିଛି। ଢେଙ୍କାନାଳ ସମେତ ପ୍ରମୁଖ ସହରାଞ୍ଚଳରେ ଦୋକାନବଜାର ଖୋଲା ରହିଥିଲା। ସୂଚନା ଅଧିକାର ଅଭିଯାନ ମଞ୍ଚ ପକ୍ଷରୁ ଆବାହକ ପ୍ରିୟବ୍ରତ ଗଡ଼ନାୟକଙ୍କ ନେତୃତ୍ୱରେ ବିକାଶ ନାୟକ, ରଣଜିତ ବିଶ୍ୱାଳ, ରାଜୀବ କର ପ୍ରମୁଖ ପିକେଟିଂ କରି ସରକାରୀ କାର୍ଯ୍ୟାଳଗୁଡ଼ିକୁ ବନ୍ଦ କରିଥିଲେ। ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ଅଧିକାର କର୍ମୀମାନେ ଦରବୃଦ୍ଧି ନିୟନ୍ତ୍ରଣ ଦାବିରେ ପ୍ରତିବାଦ କରିଥିଲେ।

## ୪୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୫।୭**

ଅନୁଗୋଳ ଜିଲାରୁ ଗୁରୁବାର ୪୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଅଁପାଳ ବ୍ଲକରୁ ୯ ଜଣ, ତାଳଚେର ବ୍ଲକରୁ ୬, ଆଠମଲ୍ଲିକ ବ୍ଲକରୁ ୫, ଅନୁଗୋଳ ବ୍ଲକରୁ ୪, କଣିହାଁ ବ୍ଲକରୁ ୪, ଅନୁଗୋଳ ପୌରାଞ୍ଚଳରୁ ୩, ତାଳଚେର ପୌରାଞ୍ଚଳରୁ ୩ ଓ ପାଲଲହଡ଼ା ବ୍ଲକରୁ ୨ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୯୧ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ନୃସିଂହ ବେଶ।





ବାମଦଳ ପକ୍ଷରୁ ଗୁରୁବାର ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ଅନୁଗୋଳରେ ପ୍ରଭାବ ଶୂନ୍ୟ ରହିଛି। ଫଟୋ- ବୁବୁ

# କର୍ମଚାରୀ ମାଗିଲେ ମହଙ୍ଗା ଭତ୍ତା

**ଢେଙ୍କାନାଳ ଅଫିସ,୧୫।୭**



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିଜିଲା ଶାଖା ତରଫରୁ ମହଙ୍ଗା ଭତ୍ତା ଦାବି କରାଯାଇଛି। ଜିଲା ସଭାପତି ଅରୁଣ କୁମାର ବଳିଆରସିଂଙ୍କ ନେତୃତ୍ୱରେ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

୨୦୨୦ ଜାନୁୟାରୀରୁ ୨୦୨୧ ଜୁଲାଇ ଯାଏ ରାଜ୍ୟ ସରକାର ୪ଟି ମହଙ୍ଗା ଭତ୍ତା ଘୋଷଣା ନ କରି ସଂରକ୍ଷିତ କରି ରଖିଛନ୍ତି। ଏଥିସହ ୭ମ ବେତନ କମିଶନ ସୁପାରିସ ଅନୁଯାୟୀ ବର୍ଦ୍ଧିତ ଗଚ୍ଛିତ ୫୦% ଏବଂ ସହର ପାଇଁ ନିର୍ଦ୍ଧାରିତ ବର୍ଦ୍ଧିତ ଘରଭଡ଼ା ଘୋଷଣା କରାଯାଉନାହିଁ। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, ଜିଲା ସମ୍ପାଦକ ବାବୁରାମ ପାତ୍ର, ମନୋଜ ରାଉତ, ବୃନ୍ଦାବନ ଜେନା, ଆର୍ଯ୍ୟଭୂଷଣ ନାୟକ, ଜଗଦୀଶ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

# ଆତଙ୍କ ସୃଷ୍ଟିକାରୀ ଯୁବକ ଗିରଫ

**ଜିଅନ୍ତା ଜାଳି ଦେବାକୁ ଉଦ୍ୟମ ଘଟଣା**

**ଅନୁଗୋଳ ଅଫିସ, ୧୫।୭**

ପୂର୍ବ ଶତ୍ରୁତାକୁ ନେଇ ଅନୁଗୋଳ ସହର ହାତୀଶାଳପଡ଼ା ଅଞ୍ଚଳର ଏମ୍‌ଡି ମହମ୍ମଦଙ୍କୁ ବୁଧବାର ଅପରାହ୍ନରେ ଜିଅନ୍ତା ଜାଳି ଦେବାକୁ ଉଦ୍ୟମ ହୋଇଥିଲା। ସମସ୍ତଙ୍କ ସମ୍ମୁଖରେ ଏପରି ଆତଙ୍କ ସୃଷ୍ଟି କରିଥିବା ଅଭିଯୁକ୍ତ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପାଣିଭଣ୍ଡାର ଗାଁର ଦିଲୀପ କୁମାର ସାହୁ(୪୫)ଙ୍କୁ ଅନୁଗୋଳ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

ପୋଲିସ କହିଛି, ଗିରଫ ହୋଇଥିବା ଦିଲୀପ ଅନୁଗୋଳରେ ତାଙ୍କ ଶଶୁର ଘରେ ରହି ପୂର୍ବରୁ ଘରୋଇ ବସ୍‌ରେ କଣ୍ଡକ୍ଟର କାର୍ଯ୍ୟ କରୁଥିଲେ। ଜଗନ୍ନାଥ ମନ୍ଦିର ନିକଟରେ ବସ୍ ପାର୍କିଂ କରିବା ସମୟରେ ମହମ୍ମଦଙ୍କ ସହ ତାଙ୍କର କଥା କଟାକଟି ହୋଇଥିଲା। ଲକ୍‌ଡାଉନ୍ ପରେ ଦିଲୀପ ଏକ ଚା' ଦୋକାନ କରିଥିଲେ ମଧ୍ୟ ମହମ୍ମଦଙ୍କ ଉପରେ ରାଗ ଶୁଝାଇବାକୁ ସୁଯୋଗ ଖୋଜୁଥିଲେ। ବୁଧବାର ଅପରାହ୍ନରେ ମହମ୍ମଦ ଆଖଣ୍ଡଳମଣି ମନ୍ଦିର ନିକଟରେ ଥିବା ଜାଣିବା ପରେ ଦିଲୀପ ସେଠାକୁ ଯାଇ ପେଟ୍ରୋଲ ଢାଳି ପୋଡ଼ି ଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ମନ୍ଦିରର ପୂଜକ ବୁଲା ମହାପାତ୍ର ଦୌଡ଼ିଆସି ନିଆଁ ଲଭାଇବା ସହ ମହମ୍ମଦଙ୍କ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇଥିଲେ। ଗୁରୁତର ଥିବା ମହମ୍ମଦ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ନେଇ ମହମ୍ମଦଙ୍କ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଅନୁଗୋଳ ଥାନା ପକ୍ଷରୁ କୁହାଯାଇଛି। ଏହି ଘଟଣାର ଅଧିକ ତଦନ୍ତ ସତ୍ୟ ରଞ୍ଜନ ଲେଙ୍କା କରୁଛନ୍ତି।

# ଭାଗୀରଥି ସାଗର ସୁରକ୍ଷା ଦାବି

**ଢେଙ୍କାନାଳ ଅଫିସ, ୧୫।୭**

ଢେଙ୍କାନାଳସ୍ଥିତ ଐତିହ୍ୟସମ୍ପନ୍ନ ଭାଗୀରଥି ସାଗରର ପୁନରୁଦ୍ଧାର ଏବଂ ଉନ୍ନତୀକରଣ ଦାବି ଜୋର୍ ଧରିଛି। ଏ ନେଇ ଭାଗୀରଥି ସାଗର ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ସଦର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଭାଗିରଥୀ ସାଗର ଚତୁଃପାର୍ଶ୍ୱରେ ଥିବା ଜମିକୁ କେତେଜଣ ଅସାଧୁ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଉକ୍ତ ସ୍ଥାନରେ ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଛି। ପୋଖରୀ ଭିତରେ ନିର୍ମାଣ ସାମଗ୍ରୀ ପକାଯାଉଛି। ପୋଖରୀ ହୁଡ଼ାରେ ପୌରସଂସ୍ଥା ପକ୍ଷରୁ କମ୍ପୋଷ୍ଟ ଖାତ କରି ଅଳିଆ ପକାଯାଉଛି। ଏହାଦ୍ୱାରା ପୋଖରୀ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ତୁରନ୍ତ ଏଭଳି କାର୍ଯ୍ୟ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ସମିତି ସଭାପତି ପଙ୍କଜ ନାୟକ, ଉପସଭାପତି ଡି. ମନ୍ମଥ ରାଓ, ଉଦୟନାଥ ବେହେରା, ସମ୍ପାଦକ ଅଶୋକ ସ୍ୱାଇଁ ପ୍ରମୁଖ କହିଛନ୍ତି।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୫,୮୪୭ ହେକ୍ଟର ଜମିରେ ମାଡ଼ିବ ପାଣି

**ଭୁବନ, ୧୫।୭(ଡି.ଏନ୍.ଏ.)**



ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସମେତ ରେଙ୍ଗାଳି ବାମ କେନାଲ ଡିଭିଜନର ଅଧିକାରୀମାନେ।

- ରେଙ୍ଗାଳି ବାମ କେନାଲ ଜାଇକା ସେଚ ପ୍ରକଳ୍ପ ଶୁଭାରମ୍ଭ
- ୬୩ ମାଇନର, ସବ୍‌ମାଇନର କେନାଲ ନିର୍ମାଣ ଶେଷ
- ଖରିଫ୍ ଋତୁରେ ଉପକୃତ ହେବେ ୪୩ ଗ୍ରାମର ଚାଷୀ

ଢେଙ୍କାନାଳ ଜିଲା ଭୁବନ ବ୍ଲକର ଚାଷୀଙ୍କ ବହୁ ପ୍ରତୀକ୍ଷିତ ରେଙ୍ଗାଳି ବାମ କେନାଲ ଜାଇକା ସେଚପ୍ରକଳ୍ପ ଗୁରୁବାର ଶୁଭାରମ୍ଭ ହୋଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ କେନାଲ ପାର୍ଶ୍ୱବର୍ତ୍ତୀ ଖରିଫ୍ ଚାଷ କରାଯାଇଥିବା ୫,୮୪୭ ହେକ୍ଟର ଜମିକୁ ପାଣି ମାଡ଼ିବ। ଏଥିପାଇଁ ଗୋଟିଏ ଶାଖା କେନାଲ, ୩ଟି ଡିଷ୍ଟ୍ରିବ୍ୟୁଟର, ୬୩ଟି ମାଇନର ଏବଂ ସବ୍‌ମାଇନର କେନାଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହାଦ୍ୱାରା ୨୦୨୧ ଖରିଫ୍ ଋତୁରେ ୪୩ ଗ୍ରାମର ଚାଷୀ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଢେଙ୍କାନାଳ ଜିଲାର କୃଷିବହୁଳ ଭୁବନ ବ୍ଲକର ଚାଷୀଙ୍କ ଦୀର୍ଘଦିନର ଦାବି ଥିଲା ରେଙ୍ଗାଳି ବାମ କେନାଲରେ ଜାଇକା ସେଚ ପ୍ରକଳ୍ପ। କୃଷିକ୍ଷେତ୍ରର ବିକାଶ ଏବଂ ଜମିକୁ ଜଳ ଯୋଗାଣ ଲକ୍ଷ୍ୟରେ ରେଙ୍ଗାଳି ବାମ କେନାଲ ଡିଭିଜନ ପକ୍ଷରୁ କେନାଲର ଆର୍.ଡି. ୭୧.୩୧ କି.ମି.ରୁ ୧୦୦.୪୩ କି.ମି. ମଧ୍ୟରେ ସମସ୍ତ ଶାଖା ଏବଂ ଉପକେନାଲଗୁଡ଼ିକର ନିର୍ମାଣ କରାଯାଇଛି। ଏହାକୁ ବାଦ୍‌ଦେଲେ କେନାଲ ହୁଡ଼ାର ଗୋଟିଏ ପାର୍ଶ୍ୱରେ ପିଚୁ ରାସ୍ତା ନିର୍ମାଣ କରାଯାଇଛି, ଯାହା କାମାକ୍ଷାନଗରରୁ ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳକୁ ସଂଯୋଗ କରୁଛି। ଫଳରେ କେନାଲ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକେ ସୁବିଧାରେ ଉକ୍ତ ରାସ୍ତାରେ ଯାତାୟାତ କରିପାରିବେ ବୋଲି ମନ୍ତ୍ରୀ କହିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ସୁକିନ୍ଦା ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଦୀପ୍ତିରଞ୍ଜନ ପଣ୍ଡା, ରେଙ୍ଗାଳି ବାମ କେନାଲ ଡିଭିଜନର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବାମାପ୍ରସାଦ ବିଶ୍ୱାଳ, ନିର୍ବାହୀ ଯନ୍ତ୍ରୀ ଦୀପକ ରଞ୍ଜନ ବେହେରା, ୱାଲିମ୍ ସଂସ୍ଥାର ଟିମ୍ ଲିଡର ପ୍ରମୋଦ ମିଶ୍ର, ଉପନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ସେଠ, ମାୟାଧର ପରିଡ଼ା, ସୁକାନ୍ତି ବାର୍ଲା, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ଭାଗବତ ମଲ୍ଲିକ, ପ୍ରଧାନ ଶିରଖା, ସୋମନାଥ ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ କେନାଲ ନିକଟରେ ଅତିଥିମାନେ ଚାରାରୋପଣ କରିଥିଲେ।

